# Akashvani, Sambalpur

## SAMBALPURI NEWS EVENING BULLETIN

## 26 April 2026-7.02- 7.12 pm.

---

୧- କଲ୍ପକମ୍ ରିଆକ୍ଟର୍ ଦେଶର୍ ପରମାଣୁ ଶକ୍ତି ଯାତ୍ରାଥି ଐତିହାସିକ୍ ସଫଲତା ପାଇଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କର୍ ସାଙ୍ଗେ କଲେ ଭାବ୍ ବିନିମୟ ।

- ୨୦୨୭ ଜନଗଣନା ପ୍ରକ୍ରିୟାଥି ଭାଗ୍ ନେବାର୍‌କେ ଦେଲେ ଆହ୍ୱାନ୍ ।

୨- ବଢ୍‌ତି ଖରା ଲାଗି ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ସ୍ଥଗିତ୍ ।

୩- ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର୍ ଜୟନ୍ତୀ ଅବ୍‌ସରେ ସାରା ରାଏଜେ ହେଉଛେ ଖାସ୍ କାର୍ଯ୍ୟକ୍ରମ୍ ।

ଆଉର୍

୪- ଜବର୍ ଖରା ଲାଗି ୧୧ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କଲା ପାଣିପାଗ୍ କେନ୍ଦ୍ର ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ତାମିଲ୍‌ନାଡୁର କଲ୍ପକମ୍ ନ ଫାଷ୍ଟ ବ୍ରିଡ୍‌ର ରିଆକ୍ଟର୍ ବହୁତ୍ ବଡ଼ ସଫଲତା ହାସଲ୍ କର୍‌ବାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର୍ ପର୍‌ମାଣୁ ବୈଜ୍ଞାନିକ୍ ମାନ୍‌କୁ ପ୍ରଶଂସା କରିଛନ୍ । ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ର ଶହେ ୩୩ ନମ୍ବର୍ ସଂସ୍କରଣ୍‌ଥି ଆଏଜ୍ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବାର୍ ଅବ୍‌ସରେ ଶ୍ରୀ ମୋଦୀ କହିଛନ୍, କଲ୍ପକମ୍ ନ ପହେଲା ବ୍ରିଡ୍‌ର ରିଆକ୍ଟର୍ ଦେଶର୍ ପହେଲା ଆତ୍ମନିର୍ଭରଶୀଳ ପରମାଣୁ ସଫଲତାକେ ଦର୍ଶଉଛେ । ଇଟା ଭାରତ୍‌ର ପରମାଣୁ ଶକ୍ତି ଯାତ୍ରାଥି ଗୁଟେ ଐତିହାସିକ୍ ପଦକ୍ଷେପ ଆଏ । ଇ ରିଆକ୍ଟର୍ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାଥି ତିଆର୍ ହେଇଛେ ଆଉ ଭବିଷ୍ୟତ୍‌ଥି ଇନ୍ଧନ୍ ଉତ୍ପାଦନ୍ କରିପାର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପରମାଣୁ)

ପ୍ରଧାନ୍‌ମନ୍ତ୍ରୀ ପବନ୍ ଶକ୍ତି ବିଷେଥି କହିଛନ୍, ଭାରତ୍‌ର ପବନ୍ ଶକ୍ତି ଉତ୍ପାଦନ୍ କ୍ଷମତା ଇହାଦେ ୫୬ ଗିଗାୱାଟ୍ ପାର୍ କରିଛେ । ଭାରତ୍ ଇ କ୍ଷେତ୍ରଥି ଆଗ୍‌କେ ବଢ଼୍‌ବାର୍ ସହେତେ ପୁର୍‌ଥିର୍ ୪

ନମ୍ବର୍ ଠାନେ ରହିଛେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ବିଦ୍ୟୁତ୍ ସଂରକ୍ଷଣ୍ ଆଉ ସ୍ୱଚ୍ଛଶକ୍ତି ଗ୍ରହଣ୍ କର୍‌ବାର୍ ଆବଶ୍ୟକତା ଉପ୍‌ରେ ଜୋର୍ ଦେଇଛନ୍ ।

ଦେଶେ ଚାଲିଥିବା ପୁର୍‌ଥିର୍ ସବୁନୁ ବଡ଼ ଜନଗଣନା ଅଭିଯାନ୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଇ ଜନଗଣନାକେ ଡିଜିଟାଲ୍ ଜରିଏ କରାଯାଇକରି ସବୁପ୍ରକାର୍ ସୂଚ୍‌ନା ରେକର୍ଡ଼ କରାଯାଉଛେ । ଇଥର ଜନଗଣନାକେ ଖୋବ୍ ସହଜ୍ କରାଯାଇଛେ । ଗଣନାକାରୀମାନେ ଘର୍‌ଘର୍ ବୁଲିକରି ମୋବାଇଲ୍ ଆପ୍ ଜରିଏ ତଥ୍ୟ ଠୋଲ୍ କରୁଛନ୍ । ୨୦୨୭ ଜନଗଣନାକେ ସଫଲ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ସାଧାରଣ୍ ଲୁକ୍‌କୁ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ଜନଗଣନା)

ମେ ମାସର୍ ୧ ତାରିଖ୍ ବୁଦ୍ଧପୂର୍ଣ୍ଣିମା ପାଲନ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀ ଇ ଅବ୍‌ସରେ ସମ୍‌କୁ ଶୁଭକାମନା ଜନେଇକରି କହିଛନ୍, ଭଗବାନ୍ ବୁଦ୍ଧଙ୍କର୍ ବାର୍ତା ଆଏଜ୍ ଭିଲ୍ ପ୍ରାସଙ୍ଗିକ୍ ହେଇକରି ରହିଛେ । ବୈଶ୍ୱିକ୍ ଉତେଜନା ସମିଆଥି ଭଗବାନ୍

ବୁଦ୍ଧଙ୍କର୍ ବାଣୀ ଆହୁରି ଜରୁରୀ ହେଇଯାଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ଦେଶର୍ ଭିନ୍ ଭିନ୍ ଜାଗାନୁ ପ୍ରକୃତି ସଂରକ୍ଷଣ୍‌ର ପ୍ରେରଣା ଯୁଗଉଥିବା କଥାନୀ ପ୍ରଧାନ୍‌ମନ୍ତ୍ରୀ ମନ୍ କି ବାତ୍ ଜରିଏ ଶ୍ରୋତାମାନ୍‌କର୍ ସାଙ୍ଗେ ବାଂଟିଛନ୍ ।

ବାଉଁଶ୍ କ୍ଷେତ୍ରଥି ଉତର୍‌ପୂର୍ବ ସଫଲତା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଆଘୋ ବ୍ରିଟିଶ୍ ଆଇନ୍ ଅନ୍‌ସାରେ ବାଉଁଶ୍ ଗୁଟେ ଗଛ୍ ଭାବେ ଜନାଯାଉଥିଲା । ଯେନ୍‌ଥିର୍‌ଲାଗି ଲୁକେ ବାଉଁଶ୍  ସହେତେ ବାଉଁଶ୍ ନୁ ହେଉଥିବା ବେପାର୍‌ନୁ ଦୂରେଇଯିବାର୍‌କେ ମୁଲ୍ କଲେ ।

ତାଙ୍କର୍ ସର୍‌କାର୍ ୨୦୧୭ ମସିହାଥି ଆଇନ୍‌କେ ବଦ୍‌ଲେଇକରି ବାଉଁଶ୍ ଗଛ୍ ବର୍ଗନୁ ବାହାର୍ କର୍‌ବାର୍ ଉତ୍‌ରୁ ଇ କ୍ଷେତ୍ରଥି ବହୁତ୍ ଅଗ୍ରଗତି ଦେଖିବାର୍‌କେ ମିଲିଛେ ।

ପ୍ରଧାନ୍‌ମନ୍ତ୍ରୀ ଲୋକ୍‌ମାନ୍‌କୁ ଉତର୍‌ପୂର୍ବନୁ ଗୁଟେ ବାଉଁଶ୍ ଦରବ୍  ଘିନ୍‌ବାର୍‌କେ ଅନୁରୋଧ୍ କରିଛନ୍ । ଇ ପଦକ୍ଷେପ୍ କାରିଗର୍ ଆଉ ବ୍ୟବସାୟୀମାନ୍‌କୁ ତହଁକାବା ବଲି ପ୍ରଧାନ୍‌ମନ୍ତ୍ରୀ ଆଶ୍ କରିଛନ୍ ।

ଭାରତୀୟ ଜାତୀୟ ଅଭିଲେଖାଗାର ନ ୨୦ କୋଟିନୁ ଅଏତ୍କା ଅମୂଲ୍ୟ ଦସ୍ତାବିଜ୍କେ ଡିଜିଟାଲାଇଜ୍ କରାଯାଇକରି ସାର୍ବଜନୀନ କରାଯାଇଛେ । ପ୍ରଧାନ୍ମନ୍ତ୍ରୀ ସାଧାରଣ୍ ଲୁକ୍କୁ ଭାରତ୍ର ଇତିହାସ୍ର ଗୁଟେ ସୁନ୍ଦର୍ ଅଭିଜ୍ଞତା ଲାଗି www.abhilekha-patal.in ଥି ଲଗ୍ଇନ୍ କର୍ବାର୍କେ ଅନୁରୋଧ୍ କରିଛନ୍ ।

(ଭଏସ୍ ଓଭର୍- ଅଭିଲେଖାଗାର)

ଇ ମାସ ଆରମ୍ଭନୁ ଫ୍ରାନ୍ସର ବୋଡ଼ୋ ନ ହେଇଥିବା ୟୁରୋପୀୟ ବାଳିକା ଗଣିତ ଅଲମ୍ପିଆଡ୍ଥି ଭାଗ୍ ନେଇକରି ୬ ନମ୍ବର୍ ଠାନ୍ ପାଇଥିବା ଭାରତୀୟ ଦଲ୍କେ ପ୍ରଧାନ୍ମନ୍ତ୍ରୀ ଶୁଭେଚ୍ଛା ଜନେଇଛନ୍ । ବ୍ରାଜିଲ୍ ନ ହେଇଥିବା ଗୁଟେ ଅନ୍ତର୍ଜାତୀୟ ପନୀର୍ ପ୍ରତିଯୋଗିତାଥି ୨ ଟା ଭାରତୀୟ ପନୀର୍ ବ୍ରାଣ୍ଡ୍ ପୁରସ୍କୃତ୍ ହେଇଥିବାର୍ନୁ ପ୍ରଧାନ୍ମନ୍ତ୍ରୀ ଖୁସି ଜାହିର୍ କରିଛନ୍ । ଭାରତୀୟ ପନୀର୍ ବିଶ୍ୱସ୍ତର୍ ନ ନିଜର୍ ଖାସ୍ ପରିଚୟ ବନେଇ ପାରିଛେ । ଭାରତ୍ର ସୁଆଦ୍ ପରମ୍ପରା ଆଉ ଗୁଣବତା ସାରା ପୁର୍ଥିର୍ ଲୁକ୍କୁ ନୂଆଁ ଅଭିଜ୍ଞତା ଦେବା ବଲି ପ୍ରଧାନ୍ମନ୍ତ୍ରୀ ଆଶ୍ କରିଛନ୍ ।

ମେ ମାସ ୯ ତାରିଖ୍ ଦିନ ପୋଚିଶେ ବୈଶାଖ୍ ଅବ୍ସରେ ଗୁରୁଦେବ୍ ରବୀନ୍ଦ୍ର ନାଥ୍ ଟାଗୋର୍ଙ୍କର୍ ଜନମ୍ ବାର୍ଷିକୀ ପାଲନ୍ କରାଯିବା । ଶ୍ରୀ ମୋଦୀ ଇ ଅବ୍ସରେ ଗୁରୁଦେବ୍ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଶେଷେ ପ୍ରଧାନ୍ମନ୍ତ୍ରୀ ଛାତ୍ରଛାତ୍ରୀମାନ୍କୁ ସେମାନ୍କର୍ ଖରାଛୁଟିର୍ ପୁରା ମଜା ନେବାର୍ ସହେତେ କିଛି ନୂଆଁ ଶିଖ୍ବାର୍କେ ଅନୁରୋଧ୍ କରିଛନ୍ ଆଉ ଖରାବେଳେ ନିଜର୍ ଶରୀର୍ର ଯତନ୍ ନେବାର୍କେ ଛାତ୍ରଛାତ୍ରୀମାନ୍କୁ ପରାମର୍ଶ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍ନେଶ୍ୱର୍ ୨ ନମ୍ବର୍ ୟୁନିଟ୍ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍କାରୀ ପ୍ରାଥମିକ ବିଦ୍ୟାଳୟ ନ ଆଏବା କାଏଲ୍ ହେବାର୍କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍କେ ସ୍ଥଗିତ୍ ରଖାଯାଇଛେ । ରାଏଜେ ହେଉଥିବା ଜବର୍ ଖରାକେ ନଜର୍ଥି ରଖିକରି ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ମିଳିଛେ ।

କୃଷ୍ଣଚନ୍ଦ୍ର ଗଜପତି ଜୟନ୍ତୀ ଆର୍ଏନ୍ୟୁ/ କଟକ୍

ଓଡ଼ିଶାର୍ ପହେଲା ମନ୍ତ୍ରୀମଣ୍ଡଲ୍ର ପହେଲା ପ୍ରଧାନ୍ମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ୍ ଦେବଙ୍କର୍ ଜୟନ୍ତୀ ଆଏଜ୍ ସାରା ରାଏଜେ ପାଲନ୍ କରାଯାଉଛେ । ୧୮୯୨ ମସିହା ଏପ୍ରିଲ୍ ୨୬ ତାରିଖ୍ ପାରଲାଖେମୁଣ୍ଡି ରାଜ୍ୟ ନଅର ନ ଶ୍ରୀ ନାରାୟଣ୍ ଦେବ ଜନମ୍ ହେଇଥିଲେ । ୧୯୩୬ ଏପ୍ରିଲ୍ ୧ ତାରିଖ୍ ଗଠିତ୍ ହେଇଥିବା ନୂଆଁ ଓଡ଼ିଶା ପ୍ରଦେଶ୍ର ପହେଲା ମନ୍ତ୍ରୀମଣ୍ଡଲ୍ର ପ୍ରଧାନ୍ମନ୍ତ୍ରୀ ଭାବେ ସେ ଦାୟିତ୍ୱ ନେଇଥିଲେ । ତାଙ୍କର୍ ଜୟନ୍ତୀ ପାଲନ୍ ଅବ୍ସରେ ଆଏଜ୍ ବହୁତ୍ଟେ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଇଛେ । ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଭୁବ୍ନେଶ୍ୱର୍, ଜୟଦେବ୍ ଭବନ୍ ଠାନେ ଆଏଜ୍ ବେଲ୍ବୁଡ଼େ କରାଯିବା । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍ନେଶ୍ୱର୍ ନ ଥିବା କୃଷ୍ଣଚନ୍ଦ୍ର ଗଜପତିଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରିଛନ୍ । ଓଡ଼ିଶା ବିଧାନ୍ସଭାର୍ ବାଚସ୍ପତି ସୁରମା ପାଢ଼ୀ ଭିଲ୍ ଏ.ଜି. ଛକ ନ ଥିବା ମହାରାଜାଙ୍କର୍ ପ୍ରତିମୂର୍ତିଥି ଫୁଲ୍ମାଲା ଚଢ଼େଇଛନ୍ ।

ମୂଲ୍ୟାୟନ ରିପୋର୍ଟ ଦାଖଲ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାରୀ କର୍ମଚାରୀମାନ୍‌କୁ ଆଏବା ମାସର୍ ୩୧ ତାରିଖ୍‌ତକ୍ ନିଜର୍ କାମ୍ ଦକ୍ଷତା ମୂଲ୍ୟାୟନ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବାବ୍‌ଦେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସବୁ ବିଭାଗ୍‌ର ମୁଖ୍ୟମାନ୍‌କୁ ଚିଠି ଲେଖାଯାଇଛେ ।

ରଥ କାଠ ପୁରୀ ସମ୍ବାଦଦାତା

ପୁରୀ ରଥ୍‌ଯାତ୍ରା ଲାଗି ଶ୍ରୀ ନଅର ନ ଥିବା ଅସ୍ଥାୟୀ ରଥଖଳାଥି ରଥ ତିଆରି କାମ୍ ଜାରି ରହିଛେ । ତିନ୍‌ହି ରଥର୍ ମୋଟ୍ ୪୨ ଟା ତୁମ୍ବର ଗୋଲେଇ କାମ୍ ଶେଷ୍ ହେବାର୍ ଉତ୍‌ରୁ ତୁମ୍ବ ବିନ୍ଧ ଲାଗି ସୁତା ବାଡ଼ିଆ କାମ୍ ଶେଷ୍ ହେଇଛେ । ଆଏଜ୍ ଅନୁକୂଳ ପୂଜା ସହେତେ ତୁମ୍ବ ମାନ୍‌କର୍ ବିନ୍ଧ କାମ୍ ହେଉଛେ ।

ହାକାଥନ୍        ବୌଦ୍ଧ ସମ୍ବାଦଦାତା

ପ୍ରଯୁକ୍ତି ବିଦ୍ୟା ଜରିଏ ମୁନୁଷ୍ ଜୀବନ୍ ସମାଧାନ୍ ଲକ୍ଷ୍ୟ ନେଇକରି ବୌଦ୍ଧ ଠାନେ ଜିଲ୍ଲାସ୍ତରୀୟ ‘ହାକାଥନ୍-ଥ୍ରି ପଏଂଟ୍ ଓ’ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟକ୍ରମ୍‌ର ଉଦ୍‌ଘାଟନ୍ କରିଥିଲେ । ପ୍ରଦର୍ଶନୀଥି ୨୪ ଟା ପ୍ରକଳ୍ପ ପ୍ରଦର୍ଶିତ୍ ହେଇଥିଲା ।

ରାଷ୍ଟ୍ରୀୟ ନାଟ୍ ମେଳା             ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଅଗ୍ରଣୀ ସାଂସ୍କୃତିକ୍ ଅନୁଷ୍ଠାନ୍ ନାଟ୍ ତର୍‌ଫୁ ସଂସ୍କୃତି ଭବନ୍ ପରିସର୍ ନ ରାଷ୍ଟ୍ରୀୟ ନାଟ୍ ମେଳା -୨୦୨୬ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ପ୍ରସନ୍ନ ଦାସ୍‌ଙ୍କୁ ରାଷ୍ଟ୍ରୀୟ ନାଟ୍ ସମ୍ମାନ୍ ପ୍ରଦାନ୍ କରାଯାଇକରି ନାଟ୍‌ର ନୂଆଁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବେ ଘୋଷ୍‌ନା କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ପୌରାଧ୍ୟକ୍ଷା ନୂଆଁ ଟାଉନ୍‌ହଲ୍ ପରିସର୍ ନ ୩୦ ଲାଖ୍ ଟଙ୍କା ଖର୍ଚ୍ଚାଥି ଭୀମଭୋଇ କଳା ମଣ୍ଡପ୍‌ର ପୁନଃନିର୍ମାଣ୍ ଘୋଷ୍‌ନା କରିଛନ୍ ।

ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ ଆର୍ଏନ୍ୟୁ/ ସମ୍ବଲପୁର

‘ଆଇ.ପି. ଆଉ କ୍ରୀଡ଼ା- ପ୍ରସ୍ତୁତ୍, ସ୍ଥିର ଆଉ ନୂତନତ୍ୱ’ ବାର୍ତା ନେଇକରି ଆଏଜ୍ ପାଲିତ୍ ହେଇଛେ ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ୍ । ବିଶ୍ୱ ବୌଦ୍ଧିକ ସମ୍ପତି ସଂଗଠନ୍‌ର ପ୍ରସ୍ତାବ୍‌ଥି ୨୦୦୦ ମସିହାନୁ ଆଝିରର୍ ଦିନେ ଇ ଦିବସ୍ ପାଲନ୍ କରାଯାଉଛେ । କେନ୍‌ସି ସୃଜନୀର୍ ପେଟେଂଟ୍, ଟ୍ରେଡ୍‌ମାର୍କ, ଶିଳ୍ପ ଡିଜାଇନ୍, କପିରାଇଟ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରିକରି ନୂଆଁସୃଜନ୍‌କେ ତହଁକାବାର୍ ସହେତେ ଇଥିର୍‌ଲାଗି ଥିବା ଭିନ୍ ଭିନ୍ ଆଇନ୍ ବାବ୍‌ଦେ ଲୁକ୍‌କୁ ଜନାବାର୍‌ଟା ଇ ଦିବସ୍ ପାଲନ୍‌ର ଲକ୍ଷ୍ୟ ଆଏ । ଇତାର୍‌ସହେତେ ନୂଆଁ ଉଭାବନ୍, ନୂଆଁ ବିଚାର୍‌କେ ତହଁକାବାର୍ ଦିଗେ ଇ ଦିବସ୍ ପାଲନ୍ ସାହାଜ୍ କର୍‌ସି ।

ବିଶ୍ୱ ମେଲେରିଆ ଦିବସ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର୍ ନ ବିଶ୍ୱ ମେଲେରିଆ ଦିବସ୍ ପାଲିତ୍ ହେଇଯାଇଛେ । ମେଲେରିଆ ମୁକ୍ତ

ବ୍ଲକ୍ ଗଠନ୍ କର୍‌ବାର୍‌କେ ତୃଣମୂଳ ସ୍ତର୍ ନ ଥିବା କର୍ମଚାରୀମାନେ ସଂକଳ୍ପ ନେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଭିନ୍ ଭିନ୍ ଜାଗା ନ ତାପମାତ୍ରା ବଢ଼୍‌ବାର୍‌କେ ଲାଗିଛେ । ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ଗରମ୍ ଆଉ ଗୁଳଗୁଳିକେ ନେଇକରି ୧୧ ଟା ଜିଲ୍ଲା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।
୪୪ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ସହେତେ ଝାର୍‌ସୁଗୁଡ଼ା ଆଏଜ୍ ରାଜ୍ୟର୍ ସବୁନୁ ତତ୍‌ଲା ସହର୍ ହେଇଛେ । ରାଜ୍ୟର୍ ବଡ଼ଭାଗୀ ସହରର୍ ତାପମାତ୍ରା ଆଏଜ୍ ୪୦ ଡିଗ୍ରୀ ଉପ୍‌ରେ ରେକର୍ଡ଼ କରାଯାଇଛେ ।